ହନୁମାନ ପ୍ରସାଦ

ବନାମ

ଭାରତ ସଂଘ ଏବଂ ଅନ୍ୟଜଣେ

ସେପ୍ଟେମ୍ବର 6, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ଚୟନ – ଟିକେଟ ସଂଗ୍ରାହକ ପଦବୀ – ନିଯୁକ୍ତି ପରୀକ୍ଷା – ଚୟନ ତାଲିକା ପ୍ରସ୍ତୁତ – ପରୀକ୍ଷା ଲେଖିବା ସମୟରେ ହୋଇଥିବା ଅବୈଧ ଆଚରଣ ଆଧାରରେ ପରବର୍ତ୍ତୀ ସମୟରେ ବାତିଲ କରାଯାଇଥିଲା କାରଣ ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା – ବାତିଲକୁ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଆପତ୍ତି କରାଯାଇଥିଲା – ନ୍ୟାୟାଧିକରଣଙ୍କ ଦ୍ୱାରା ବାତିଲକୁ ବଜାୟ ରଖାଯାଇଥିଲା – ଅପିଲରେ  ଦର୍ଶାଯାଇଥିଲା, ପରୀକ୍ଷା ବାତିଲ ବୈଧ ଥିଲା ।*

*ମହାରାଷ୍ଟ୍ର ରାଜ୍ୟ ମାଧମିକ ଏବଂ ଉଚ୍ଚ ମାଧମିକ ଶିକ୍ଷା ପରିଷଦ ବନାମ କେ.ଏସ୍. ଗାନ୍ଧୀ ଏବଂ ଅନ୍ୟମାନେ,* **[1991] 2 SCC 716, ଉପରେ ଭରସା କରାଯାଇଥିଲା ।**

*ଆଶା କୌଲ ଏବଂ ଅନ୍ୟଜଣେ ବନାମ ଜାମ୍ମୁ ଓ କାଶ୍ମୀର ରାଜ୍ୟ ଏବଂ ଅନ୍ୟମାନେ,* **[1993] 2  SCC 573, ଅପ୍ରଯୋଜ୍ୟ ବୋଲି ଦର୍ଶାଯାଇଛି ।**

*ମୋହିନ୍ଦର ସିଂ ଗିଲ୍ ଏବଂ ଅନ୍ୟଜଣେ ବନାମ ମୁଖ୍ୟ ନିର୍ବାଚନ ଆୟୁକ୍ତ, ନୂଆଦିଲ୍ଲୀ ଏବଂ ଅନ୍ୟମାନେ,* **[1978] 1 SCC 405, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 16904/1996 ।

ଓ.ଏ. ସଂଖ୍ୟା 959/1995 ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଆହ୍ଲାବାଦଙ୍କ ତା 15.7.96 ରିଖର ରାୟ  ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ତରଫରୁ ଏସ୍.ବି. ସାନ୍ୟାଲ, ରାଜ କୁମାର ଗୁପ୍ତା, ଏଚ୍.ପି. ଶର୍ମା ରାଜେଶ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ବିଶେଷ ଅନୁମତି ଆବେଦନ ମୂଳ ଆବେଦନ ସଂଖ୍ୟା 959/1995 ରେ ଜୁଲାଇ 15, 1996 ରେ ଦିଆଯାଇଥିବା କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଆହ୍ଲାବାଦ ବିଚାରପୀଠଙ୍କ ଆଦେଶ ବିରୋଧରେ ଉଦ୍ଭବ ହୋଇଛି । ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ, ବର୍ଗ 'ସି' ପଦବୀରେ ନିଯୁକ୍ତି ପାଇଁ, ଲକ୍ଷ୍ନୌ ପ୍ରଭାଗରେ ଟ. 950-1500 ବେତନ ହାରରେ 48 ଜଣ ଟିକେଟ ସଂଗ୍ରାହକଙ୍କ ଚୟନ ପାଇଁ ଆବେଦନ ଆହ୍ୱାନ କରି ଜୁଲାଇ 19, 1994 ରେ ଏକ ଅଧିସୂଚନା ଜାରି କରାଯାଇଥିଲା । ପରୀକ୍ଷାରେ ଉପସ୍ଥିତ ହୋଇଥିବା 800 ପ୍ରାର୍ଥୀଙ୍କ ମଧ୍ୟରୁ, 106 ଜଣ ପ୍ରାର୍ଥୀ ଚୟନ ତାଲିକାରେ ସ୍ଥାନ ପାଇଥିଲେ ଯାହା ପରବର୍ତ୍ତୀ ସମୟରେ ଏହି ଆଧାରରେ ବାତିଲ କରାଯାଇଥିଲା ଯେ, ପରୀକ୍ଷା ତାରିଖ ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବାରୁ ପରୀକ୍ଷା ଲେଖିବା ସମୟରେ ଅବୈଧ ଆଚରଣ ହୋଇଥିଲା । ବାତିଲକୁ ନ୍ୟାୟାଧିକରଣରେ ଆପତ୍ତି କରାଯାଇଥିଲା । ଆକ୍ଷେପିତ ଆଦେଶରେ ନ୍ୟାୟାଧିକରଣ ବାତିଲକୁ ବଜାୟ ରଖିଛନ୍ତି । ତେଣୁ, ଏହି ବିଶେଷ ଅନୁମତି ଆବେଦନ ।

ଆବେଦନକାରୀମାନଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀ ସାନ୍ୟାଲ, ତ୍ରି-ସ୍ତରୀୟ ଯୁକ୍ତି ଉପସ୍ଥାପନ କରିଥିଲେ । ପ୍ରଥମତଃ, ଚୟନ ତାଲିକାକୁ ବାତିଲ କରିବା ପାଇଁ ପ୍ରଭାଗୀୟ ପରିଚାଳକ ସକ୍ଷମ କର୍ତ୍ତୃପକ୍ଷ ନଥିଲେ, ମହାପରିଚାଳକ ସକ୍ଷମ କର୍ତ୍ତୃପକ୍ଷ ଥିଲେ । ଉକ୍ତ ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ । ପ୍ରଭାଗୀୟ ପରିଚାଳକ ମଧ୍ୟ ମହା ପରିଚାଳକଙ୍କ କାର୍ଯ୍ୟ ନିର୍ବାହ କରିବା ପାଇଁ ମହା ପରିଚାଳକଙ୍କ ଦ୍ୱାରା ପ୍ରାଧିକୃତ ହୋଇପାରନ୍ତି । ତେଣୁ, ସେ ଚୟନ ତାଲିକା ବାତିଲ କରିବାର କାର୍ଯ୍ୟ ନିର୍ବାହ କରିଛନ୍ତି ବୋଲି କୁହାଯାଇପାରେ । ତା'ପରେ ଏହା ଯୁକ୍ତି କରାଯାଏ ଯେ, ଯେହେତୁ ଆଦେଶ କୌଣସି କାରଣ ସୂଚିତ କରେ ନାହିଁ, ଏହା ଆଇନରେ ଅନୁଚିତ ଅଟେ । ଏହାର ସମର୍ଥନରେ, ସେ *ମୋହିନ୍ଦର ସିଂ ଗିଲ୍ ଏବଂ ଅନ୍ୟଜଣେ ବନାମ ମୁଖ୍ୟ ନିର୍ବାଚନ ଆୟୁକ୍ତ, ନୂଆଦିଲ୍ଲୀ ଏବଂ ଅନ୍ୟମାନେ, [1978] 1 SCC 405,* ବିଶେଷ କରି, ରାୟର ଅନୁଚ୍ଛେଦ 8 ରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତି ଉପରେ ଦୃଢ଼ ଭରସା ରଖିଥିଲେ । ଏହା ସତ୍ୟ ଯେ, ଯେତେବେଳେ ଏକ ଆଦେଶ ପାରିତ ହୁଏ, ତାହା ପ୍ରଶାସନିକ କିମ୍ବା ଅର୍ଦ୍ଧ-ନ୍ୟାୟିକ ପ୍ରକୃତିର ହେଉ, ଆବଶ୍ୟକତଃ ଏଥିରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ଅବୈଧ କରିବା ପାଇଁ ଆଧାର କିମ୍ବା କାରଣ ରହିବ । କର୍ତ୍ତୃପକ୍ଷ ପରବର୍ତ୍ତୀ ସମୟରେ ସତ୍ୟପାଠ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ସେମାନଙ୍କ କାର୍ଯ୍ୟାନୁଷ୍ଠାନକୁ ବ୍ୟାଖ୍ୟା କରିପାରିବେ ନାହିଁ ।

ତେଣୁ, ଏହି ନ୍ୟାୟାଳୟ ବୈଧାନିକ କ୍ଷମତା ପ୍ରୟୋଗ କରି ଦିଆଯାଇଥିବା ସାର୍ବଜନୀନ ଆଦେଶ ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ କାରଣ ରହିବା ଉଚିତ ଏବଂ ଆଦେଶରେ ସେମାନଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଅନ୍ତର୍ଭୁକ୍ତ ହେବା ଉଚିତ । ତେଣୁ, ସେମାନଙ୍କୁ କୌଣସି ସତ୍ୟପାଠ କିମ୍ବା ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନର ଉଲ୍ଲେଖ କରି ସେମାନଙ୍କର କାର୍ଯ୍ୟାନୁଷ୍ଠାନ କିମ୍ବା ଆଦେଶର ବିଷୟବସ୍ତୁକୁ ପ୍ରତିସ୍ଥାପିତ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ ଯାହା ଆଦେଶରେ ସ୍ଥାନ ପାଇନଥିଲା । ଏହି କ୍ଷେତ୍ରରେ, କର୍ତ୍ତୃପକ୍ଷ କେବଳ ଚୟନ ତାଲିକାକୁ ବାତିଲ କରିଦେଇଥିଲେ । *ମହାରାଷ୍ଟ୍ର ରାଜ୍ୟ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବନାମ କେ.ଏସ୍. ଗାନ୍ଧୀ ଏବଂ ଅନ୍ୟମାନେ, [1991] 2 SCC 716* ମାମଲାରେ, ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ, ଯଦି ପରୀକ୍ଷା ବାତିଲ କରିବା ଆଦେଶ ପାରିତ ହୁଏ, ତେବେ ନଥି କାରଣ ସୂଚିତ କରିବା ଉଚିତ, ଯଦିଓ ଆଦେଶରେ ରାୟର ଅନୁଚ୍ଛେଦ 21ରେ ସୂଚିତ କାରଣଗୁଡ଼ିକ ନଥାଇପାରେ । ସେହି କ୍ଷେତ୍ରରେ, ଏହା ଦର୍ଶାଯାଇଥିଲା ଯେ, ଆଦେଶରେ କାରଣଗୁଡ଼ିକ ଅନ୍ତର୍ଭୁକ୍ତ ନଥିଲା କିନ୍ତୁ ନଥିରେ ଏହା ସୂଚିତ ହୋଇଥିଲା । ଯେଉଁଥିରେ ବ୍ୟାପକ ନକଲର ଅଭିଯୋଗ ହୋଇଥିଲା, ସେହି ପରୀକ୍ଷାକୁ ବାତିଲ କରିବା ପାଇଁ ପ୍ରଶାସନିକ ଆଦେଶକୁ ବଜାୟ ରଖାଯାଇଥିଲା ।

ଏହା ଦେଖିବାକୁ ମିଳିଛି ଯେ, ଅବୈଧ-ଆଚରଣ କରାଯାଇଥିବା ଅଭିଯୋଗ ଆସିବା ପରେ, ଏହି ମାମଲାକୁ ତଦନ୍ତ ପାଇଁ ସି ବି ଆଇ କୁ ପଠାଯାଇଥିଲା । ସି ବି ଆଇ ଏହାଙ୍କର ପ୍ରାଥମିକ ବିବୃତି ଉପସ୍ଥାପନା କରିଛନ୍ତି ଯାହା ସୂଚିତ କରିଛି ଯେ, ପରୀକ୍ଷା ଲେଖିବା ସମୟରେ ଏହି ଅବୈଧ-ଆଚରଣ କରାଯାଇଛି । ସେମାନଙ୍କୁ ଚୂଡ଼ାନ୍ତ ବିବୃତିକୁ ଅପେକ୍ଷା କରିବାର ଆବଶ୍ୟକତା ନାହିଁ ଯାହା ତ୍ରୁଟିପୂର୍ଣ୍ଣ ଅଧିକାରୀମାନଙ୍କ ବିରୋଧରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ତେଣୁ, ଏହା ଏପରି ଏକ ମାମଲା ଯେଉଁଠାରେ କର୍ତ୍ତୃପକ୍ଷମାନେ ତଦନ୍ତକାରୀ ସଂସ୍ଥା ଦ୍ୱାରା ଉପସ୍ଥାପିତ ହୋଇଥିବା ବିବୃତି ଆଧାରରେ ନିଷ୍ପତ୍ତି ନେଇଛନ୍ତି, ଯେଉଁଥିରେ ପରୀକ୍ଷା ଲେଖିବା ସମୟରେ କରାଯାଇଥିବା ଅବୈଧ-ଆଚରଣ ଅଭିଯୋଗଗୁଡ଼ିକର ସମର୍ଥନରେ ପ୍ରମାଣ ଅନ୍ତର୍ଭୁକ୍ତ ଅଛି । ତେଣୁ, ଏହା କୁହାଯାଇପାରିବ ନାହିଁ ଯେ, ବାତିଲ ଆଦେଶରେ କୌଣସି କାରଣ ଅନ୍ତର୍ଭୁକ୍ତ ନାହିଁ ।

ତା' ପରେ ଏହା ଯୁକ୍ତି କରାଯାଏ ଯେ, ଯଦିଓ ଚୟନିତ ପ୍ରାର୍ଥୀମାନଙ୍କର କୌଣସି ନିହିତ ଅଧିକାର ନାହିଁ, ସେମାନେ ନିଯୁକ୍ତି ପାଇଁ ଏକ ବୈଧ ଆଶା ପାଇଥିଲେ ଯେତେବେଳେ ସେମାନଙ୍କୁ

ନିଯୁକ୍ତି ପାଇଁ ଚୟନ କରାଯାଇଥିଲା । ସେମାନଙ୍କୁ ପୂର୍ବରୁ ସୁଯୋଗ ଦିଆଯିବା ଉଚିତ ଏବଂ ବାତିଲ ହେବାର କାରଣଗୁଡ଼ିକ ମଧ୍ୟ ଜାଣିବା ଉଚିତ । ଏହି ଯୁକ୍ତିର ସମର୍ଥନରେ, ସେ *ଆଶା କୌଲ ଏବଂ ଅନ୍ୟଜଣେ ବନାମ ଜାମ୍ମୁ କାଶ୍ମୀର ରାଜ୍ୟ ଏବଂ ଅନ୍ୟମାନେ, [1993] 2 SCC 573* ମାମଲାରେ ଏହି ନ୍ୟାୟାଳୟଙ୍କ ରାୟର ଅନୁଚ୍ଛେଦ ୪ ଉପରେ ଭରସା କରିଥିଲେ । ଏହା ଆପତ୍ତିଜନକ ନୁହେଁ ଯେ, ଯେତେବେଳେ ବିଧିବଦ୍ଧ ଭାବରେ ଗଠିତ ଚୟନ କମିଟି ଚୟନିତ ପ୍ରାର୍ଥୀଙ୍କ ନିଯୁକ୍ତି ପାଇଁ ସୁପାରିଶ କରିଥାନ୍ତି, ପ୍ରାର୍ଥୀମାନେ ନିୟମାବଳୀ ଅନୁଯାୟୀ ନିଯୁକ୍ତ ନହେବା ପର୍ଯ୍ୟନ୍ତ କୌଣସି ନିହିତ ଅଧିକାର କିମ୍ବା ବୈଧ ଆଶା ପାଆନ୍ତି ନାହିଁ; ନିଯୁକ୍ତି ସଂସ୍ଥା ଦ୍ୱାରା ଚୟନ କରାଯାଇଥିବା ପରି ସେମାନଙ୍କୁ ନିଯୁକ୍ତି ଦିଆଯିବାର ସୁଯୋଗ ରହିଛି । ସେହି କ୍ଷେତ୍ରରେ, ସରକାର ବିନା କୌଣସି କାରଣରେ ଚୟନ ତାଲିକାକୁ ବାତିଲ କରିଦେଇଥିଲେ । ଏହି ନ୍ୟାୟାଳୟ ସେହି ପୃଷ୍ଠଭୂମିରେ ଉପରୋକ୍ତ ନିୟମ ପ୍ରତିପାଦିତ କରିଛନ୍ତି । ଏଥିରେ ଥିବା ଅନୁପାତର କୌଣସି ପ୍ରୟୋଗ ନାହିଁ କାରଣ ତଦନ୍ତକାରୀ ସଂସ୍ଥା ଦ୍ୱାରା ଉପସ୍ଥାପନା ହୋଇଥିବା ବିବୃତିର ଅନୁଧ୍ୟାନ ପରେ, ସକ୍ଷମ କର୍ତ୍ତୃପକ୍ଷ ଚୟନକୁ ବାତିଲ କରିଦେଇଥିଲେ, ଯାହା ଦ୍ୱାରା ନିୟମିତ ଏବଂ ଉପଯୁକ୍ତ ପରୀକ୍ଷା ସମସ୍ତଙ୍କୁ ନିରପେକ୍ଷ ରୀତିରେ ସୁଯୋଗ ଦେଇ ପରିଚାଳିତ ହୋଇପାରିବ । ବ୍ୟାପକ ନକଲ କ୍ଷେତ୍ରରେ କୌଣସି ପୂର୍ବ ସୁଯୋଗ ଦିଆଯିବାର ଆବଶ୍ୟକତା ନାହିଁ । ଏହା ଏପରି ମାମଲା ନୁହେଁ ଯେତେବେଳେ ଜଣେ ନାମିତ ପ୍ରାର୍ଥୀ ନକଲ କରିଥିଲେ । ତଦନୁସାରେ, ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଆଦେଶରେ ଆମେ କୌଣସି ବେଆଇନତା ପାଇନାହୁଁ ।

ତେଣୁ, ବିଶେଷ ଅନୁମତି ଆବେଦନ, ଖାରଜ କରାଯାଇଛି ।

ଜି.ଏନ୍. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**